# ତନ୍ଦ୍ରିତ ତୁମ ସ୍ୱପ୍ନିଳ ଆଖି

ତନ୍ଦ୍ରିତ ତୁମ ସ୍ୱପ୍ନିଳ ଆଖି
ଦିଗହରା କରେ
ଜୀବନ ପଥରେ
ରକ୍ତିମ ତୁମ ଅଧର ପରଶ ଦେଇ,
ପ୍ରେମ ଭରିଦିଏ ଜୀବନେ ସରାଗ
ସାଧନା ନୁହେଁ ଏ
ପ୍ରେମ ପରା ଗୋ
ଉଦ୍‌ବେଳନ ଯାଗେ ଅନ୍ତରେ ତୁମ ପାଇଁ

ପ୍ରତୀଚୀ ଗଗନେ କୁଆଁତାରା ଦେଖି
ମୁଗ୍ଧ ମାନସେ
ସ୍ନିଗ୍ଧ ରଭସେ
ଗଭୀର ନିଶୀଥେ ମିଳନ ଲୋଡଇ ହିଆ,
କୃଷ୍ଣ ଚିକୁର ରାତ୍ରିର ଗଭା
ମନସ୍ୱୀ ପ୍ରିୟରେ
ସ୍ୱପ୍ନ ବିଭୋରେ
ବାସ ଚହଟାଇ ଶ୍ରୋଣୀ ବହକାଇ ପ୍ରିୟା

ନୀଳ ଆଖି ସୃଜେ ପ୍ରେମର କବିତା
ଉଦ୍‌ଭଟ କବି

ଭାବନାରେ ଦ୍ରବୀ
ଅମା ଅନ୍ଧାରେ ଜଳାଏ ଦୃପ୍ତ ସଳିତା
ନିଶୀଥର ଜହ୍ନ ସ୍ୱପ୍ନେ ଲେଖଇ ଭାଷା
ସ୍ନିଗଧା ପ୍ରିୟାଗୋ
ମୁଗ୍ଧା ହିଆଗୋ
ଭ୍ରାନ୍ତ ଉଦ୍‌ବେଗେ ହୁଅନା ଗୋ ଲୋକ ହସା

ଆରକ୍ତ ନୟନା ସିକ୍ତ ବସନା ପ୍ରିୟା
ଶିରାବଣ ବାରି
ଦେହେ ତା ପ୍ରସରି
କୁଆଁରୀ ମନରେ ରଚାଏ କିମିଆଁ କିଆଁ ?
କିଆଁ ଗୋ ଆସିଲା ଶିରାବଣ ପ୍ରିୟା ଅଂଗେ
ମନ ତର ତର
ତନୁ ଥର ଥର
କିମିଆଁ ଲାଗଇ ନିଶୀଥେ ବଦନେ ରଙ୍ଗେ
କବି ଭାବେ ମନେ ବୟସର କୃଷ୍ଣଚୂଡ଼ା
ରଙ୍ଗ ଚହଟାଇ
ବାସ ମହକାଇ
ଯୌବନ ରଙ୍ଗାଇ ପ୍ରିୟାର ଉରସେ ଛିଡ଼ା
ମନ ଆନମନା ବେପଥୁ ବଦନେ ଯାଗେ
ସୁରଭିତ ଅଙ୍ଗ
କୁସୁମିତ ରଙ୍ଗ
ପ୍ରିୟା ପରା ସତେ ସେନେହ ସରାଗ ମାଗେ

ପବନ ପରଶେ ଚତ୍ୱର ପର ବାଲି
ବସନ ଉରସେ
ଅବଶ ଆବେଶେ
ପ୍ରଣୟ ପସରା ସତ୍ୱରେ ଦେଇ ମେଲି
ଆମ୍ର ଉଟଜେ ଶତ ବିହଙ୍ଗମ ସ୍ୱର
ପଲ୍ଲୀ ବଧୂର,
କବିତାର ସ୍ୱର
ସ୍ନିଗ୍ଧ ଆବେଗେ କବିରେ ବାନ୍ଧିଛି ଚିର

ପୂଜାରିଣୀ ପ୍ରିୟା କଲ୍ୟାଣୀ ବଧୂ ମୋର
ସ୍ନେହ ଉଚ୍ଛ୍ୱାସେ
ନିର୍ମଳ ହାସେ
ହେମ କଙ୍କଣ ସ୍ୱନ ବାଜେ କର୍ଣ୍ଣ ଗିର
କମ୍ର ମୟୂଖେ ପ୍ରିୟାର ବଦନ ଦେଖି
ତରୁଣ ପ୍ରାଣ ମୋ
ସଂଭ୍ରମେ ପରାଗୋ
କମ୍ପିତ ହିଆ ଦୁକୂଳେ ଘୋଡାଇ ରଖି
କବି ରାଏ ଆସ ପ୍ରଣୟ ବିଧୂରା ପ୍ରିୟା
ପ୍ରଣୟ ଦିଅଗୋ
ପରାଣ ନିଅ ମୋ
ତୋ ବିନା ଜୀବନ ଧରିବା ନୁହଁଇ ଶ୍ରେୟା ❐ ❐ ❐